ମହିଳା ଶିକ୍ଷିତ, ସୁରକ୍ଷିତ ଓ ସ୍ୱାବଲମ୍ବୀ ହେଲେ ପରିବାର ସହ ଦେଶ ଶକ୍ତିଶାଳୀ, ସମୃଦ୍ଧ ହେବ

ଚତୁର୍ଥ ରାଜ୍ୟ ମହିଳା ସମ୍ମିଳନୀ
୩୮ ତମ ବାର୍ଷିକ ଉତ୍ସବ
ମହାନ୍ ସଂଘ ମହିଳା ବିଭାଗ
4th State Level Womens Conference
& 38th ANNUAL FUNCTION
of Mahansangha Ladies Wing
Venue : Town Hall, Berhampur
Date : 10.03.2024

ବ୍ରହ୍ମପୁର (ଅମୃତ ମିଡିଆ): ରାଜ୍ୟର ଅନ୍ୟତମ ଅଗ୍ରଣୀ ସମାଜସେବା ସାଂସ୍କୃତିକ, କ୍ରୀଡା ଅନୁଷ୍ଠାନ ମହାନ୍ ସଂଘ ମହିଳା ବିଭାଗ ପକ୍ଷରୁ ଚତୁର୍ଥ ରାଜ୍ୟ ସ୍ତରୀୟ ମହିଳା ସମ୍ମିଳନୀ ସହ ୩୮ତମ ବାର୍ଷିକ ଉତ୍ସବ ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ ହଲ ଠାରେ ମହା ସମାରୋହରେ ଆୟୋଜନ ଅବସରରେ ମହିଳା ମାନେ ଶିକ୍ଷିତ, ସୁରକ୍ଷିତ ଓ ସ୍ୱାବଲମ୍ବୀ ହେଲେ, ପରିବାର ସହ ଦେଶ ଶକ୍ତିଶାଳୀ ଓ ସମୃଦ୍ଧି ହେବ ବୋଲି ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାତା ର ମୁଖ୍ୟ ତଥା ମହାନ୍ ସଂଘ ପ୍ରତିଷ୍ଠାତା ଶ୍ରୀ ସୁଶାନ୍ତ କୁମାର ସାବତ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଆସ୍କା ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ ମହିଳାମାନେ ନିଜ ଗୋଡ଼େର ଛିଡ଼ା ହେବା ନିମନ୍ତେ ଶିକ୍ଷିତ, ସଂସ୍କୃତି ସଂପନ୍ନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମହାନ୍ ସଂଘ ଉପଦେଷ୍ଟା ତଥା ବ୍ରହ୍ମପୁର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ ଯୋଗଦେଇ ମହାନ୍ ସଂଘ ର ଦୀର୍ଘ ୪୦ ବର୍ଷ ଧରି ନିଷ୍ଠାପର ଭାବେ ମହିଳା କଲ୍ୟାଣ ସହ ଅନ୍ୟ କ୍ଷେତ୍ରେର ସୁନାମଧନ୍ୟ କାର୍ଯ୍ୟ କରି ଆସୁଛି ତାହା ଅତ୍ୟନ୍ତ ପ୍ରସଂସନିୟ। ଅନ୍ୟତମ ଉପଦେଷ୍ଟା ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦେଇ ମହାନ୍ ସରକାରଙ୍କ ନାରୀ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ବିକ୍ରମ କୁମାର ପଣ୍ଡା , ମେୟର ଶ୍ରୀମତୀ ସଂଘ ମିତ୍ରା ଦଳାଇ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଶ୍ରୀ ସୁବାସ ମହାରଣା, ରାଜସ୍ୱ କମିଶନରଙ୍କ ସଚିବ ଶ୍ରୀମତୀ ସୁଜାତା ସାହୁ, ଆଇ.ଏ.ଏସ , ଗଞ୍ଜାମ ବାର ଏସୋସିଏସନ ସଭାନେତ୍ରୀ ମିନତି ରଥ, ଗାୟତ୍ରୀ ଏଯୁକେସନ ଗ୍ରୁପ ଅଧ୍ୟକ୍ଷା ଶ୍ରୀମତୀ ସବିତା ସୁଆର, ଆଇ ଏସ ଆର ଡି ନିର୍ଦ୍ଦେଶକ ଶ୍ରୀ ସୁଧୀର ସାବତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ।ମୁଖ୍ୟ ବକ୍ତା ଭାବେ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ମା ମାନେ ନିଜ ପିଲାଙ୍କୁ ମାତୃଭାଷା ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଥମ୍ ବିଶ୍ୱ ଭାଷା ସମ୍ମିଳନୀରେ ମନାଇବା ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳ ବିଭାଗ ଅଧ୍ୟକ୍ଷ ଶ୍ରୀମତୀ ଦେବୀ ପ୍ରଭା ରଥ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ,ସାଂସ୍କୃତିକ ସମ୍ପାଦିକା ଶ୍ରୀମତୀ ରମେଶ୍ୱରୀ ନନ୍ଦ ଙ୍କ ସଂଯୋଜନାରେ ସମ୍ପାଦିକା ଶ୍ରୀମତୀ ଭାରତୀ ପାତ୍ର ବିବରଣୀ ପଠନ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀ ପ୍ରସାନ୍ତ ପାତ୍ର, ସିମାଞ୍ଚଳ ପାଣିଗ୍ରାହୀ, ମମତା ପାଢ଼ୀ, ବବିତା ପଣ୍ଡା, ଡ.ସୌଭାଗ୍ୟଲକ୍ଷ୍ମି ପ୍ରିୟଦର୍ଶନୀ, ସ୍ମିତି ସିଗ୍ଧା , ବିଭୂତି ସାବତ, ଦିଲୀପ ମହାପାତ୍ର, ସସ୍ମିତା ମିଶ୍ର , ପ୍ରଣତି ହୋତା, ଶ୍ରୀକାନ୍ତ ସାବତ, ସନ୍ଧ୍ୟା ରାଣୀ ପଟନାୟକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅତିଥିଙ୍କ ଦ୍ୱାରା ବହୁ ମହିଳା ଅନୁଷ୍ଠାନ କୁ ସମ୍ମାନିତ କରାଯାଇଥିଲା । ଶ୍ରୀମତୀ ସବିତା ସାହୁକାର ଧନ୍ୟବାଦ ପ୍ରଦାନ କରିଥିଲେ। ବୋଲ୍ଡ ଏଣ୍ଡ ବିୟୁଟି ଓ ବାସବି କ୍ଲବ ତରଫରୁ ନାରୀ ସେଚତନତା ଉପେରକ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ ହୋଇଥିଲା ଚଳିତ ବର୍ଷ ମହାନ୍ ସଂଘ ପକ୍ଷରୁ ମହିଳା, ଛାତ୍ରୀଙ୍କ ଆତ୍ମରକ୍ଷା ଓ ଆତ୍ମ ନିଭର୍ରଶିଳତା ଉପେର ରାଜ୍ୟ ସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବୋଲି ସଭାପତି ଶ୍ରୀ ସାବତ ସୂଚନା ଦେଇଛନ୍ତି।ବିଭିନ୍ନ ଅନୁଷ୍ଠାନ ରୁ ୪୦୦ ରୁ ଉର୍ଦ୍ଧ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ (ଅମୃତ ମିଡିଆ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ପରିବେଶ ପାଠ୍ୟକ୍ରମ ଉପରେ ଚାଲିଥିବା ଦୁଇଦିନିଆଁ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିର ରେ ପରିବେଶ ଶିକ୍ଷାର ଉଦେଶ୍ୟ, ବାୟୁର ଉପାଦାନ, ଋତୁପରିବର୍ତ୍ତନ, ଆମେ କିପରି ଆମକୁ ଶାସନ କରୁ, ଆମ ଦେଶ ଓ ଆମ ପୃଥିବୀ ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଶିବିର ରେ ୫୦ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରକାଶ ଚନ୍ଦ୍ର ଭୋଳ, ଅବନୀ ମଲ୍ଲିକ, ସନ୍ତୋଷ ମିଶ୍ର, ନୃସିଂହ ପୋଲେଇ ସାଧନ କର୍ମୀ ଭାବେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ମଣ୍ଡଳଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ ଶିବିର ପରିଦର୍ଶନ କରି ପ୍ରଶିକ୍ଷଣ ଲବ୍ଧ ଜ୍ଞାନକୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶ୍ରେଣୀରେ ପ୍ରୟୋଗ କରିପାରିଲେ ଶିବିର ଆୟୋଜନ ସାର୍ଥକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

ବାଂଶପାଣି - ଜଖପୁରା ଦ୍ୱିତୀୟ ରେଳ ଧାରଣା ଉଦ୍‌ଘାଟନ

ଦେଶର ବିଭିନ୍ନ ସ୍ଥାନରେ ନୂଆ ରେଳଷ୍ଟେସନ ଓ ରେଳ ଲାଇନ

ଯୋଡା (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଅନ୍ତର୍ଗତ ଜୁରୁଡି ରେଲୱେ ଷ୍ଟେସନ ଠାରେ ରେଳ ଧାରଣା ଦୋହରିକରଣ ଉଦ୍ଘାଟନ ଉପଲକ୍ଷେ ଆଜି ସକାଳ ପ୍ରାୟ ୯ଘଟିକା ସମୟରେ ଭି.ସି ମାଧ୍ୟମରେ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦବୋଧନ ଦେଇଥିଲେ। ସାରାଦେଶରେ ରେଳବିଭାଗର ୨୭୪ପ୍ରକଳ୍ପ ର ଉଦଘାଟନ କରିବା ସହିତ ବହୁତ ପ୍ରକଳ୍ପ ର ଶିଳାନ୍ୟାସ କରିଥିଲେ। ଜୁରୁଡ଼ି କାର୍ଯ୍ୟକ୍ରମରେ କେନ୍ଦୁଝର ପୂର୍ବତନ ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଏବଂ ଯୋଡ଼ା ପୌରାଧକ୍ଷ ଡ଼ା. ଜଗଦିଶ ପ୍ରସାଦ ସାହୁ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ମନ୍ତ୍ରୀଙ୍କ ସହିତ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହିଥିବା ବେଳେ ଭି .ସି ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ରଘୁବର ଦାସ ଯୋଗଦେଇଥିଲେ । ବାଂଶପାଣି - ଦଇତାରୀ - ଜଖପୁର ରେଳ ଧାରଣା ଦୋହରିକରଣ ଯୋଗୁଁ ଜନସାଧାରଣ ଏବଂ ମାଲ୍ ବାହି ଟ୍ରେନ ଯାତାୟତରେ ସୁବିଧା ହେଇପାରିବ।

ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ନୂଆପଡ଼ା (ଅମୃତ ମିଡିଆ): ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି କୋମନା ଥାନା ବୁଦ୍ଧିକୋମନା ଠାରେ ଗଞ୍ଜେଇ ଚୋରାଚାଲଣ କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨୦ କେଜି ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାଇ କୋମନା ଥାନା ବୁଦ୍ଧିକୋମନା ଠାରେ ଓଡ଼ି ୨୬ ଏଫ ୫୦୯୪ ବାଇକରେ କୋମନା ଥାନା ଅନ୍ତର୍ଗତ ତରବୋଡ଼ ଗ୍ରାମର ସୁରେନ୍ଦ୍ର ଦୀପ(୨୪) ଏକ ଜରି ବସ୍ତାରେ ଗାଞ୍ଜେଇ ଚୋରାଚାଲଣ ହେଉଥିବା ଖବର ପାଇଁ ନୂଆପଡ଼ା ଅବକାରୀ ଇନିସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ଚଢ଼ାଉ କରି ବୁଦ୍ଧିକୋମନା ଛକ ଠାରେ ବାଇକ ସହ ୨ ଜଣଙ୍କୁ କାବୁ କରିଥିଲେ। ପରେ ନୂଆପଡ଼ା ଅବକାରୀ ଅଫିସକୁ ଆଣି ଜବତ କରିଥିବା ଗଞ୍ଜେଇକୁ ଓଜନ କରିବାରୁ ୨୦ କେଜି ଗଞ୍ଜେଇ ରହିଥିଲା। ଯାହାର ହାରାହାରୀ ମୂଲ୍ୟ ୨ଲକ୍ଷ ଟଙ୍କା ବୋଲି ବିଭାଗ ସୂଚନା ଦେଇଛି। ପରେ ଅବକାରୀ ନିମୟ ଅନୁଯାଇ ଏକ ମାମଲା ରୁଜୁ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି। ଏହି ଚଢ଼ାଉରେ ଏସଆଇ ଅଲେଖ ପଟେଲ, କନେଷ୍ଟବଳ ଗିରେନ୍ଦ୍ର କଟା, ଭଗବାନ ହଂସ ଉପସ୍ଥିତ ରହିଥିଲେ।

ବିରୂପା କେଲଜ ଅଧକ୍ଷଙ୍କୁ କେନ୍ଦ୍ରାପଡା କେଲଜ ଭାରପ୍ରାପ୍ତ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ

କେନ୍ଦ୍ରାପଡା (ଅମୃତ ମିଡିଆ): ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟର ଅଧକ୍ଷ ଅଭିଜିତ ବୋଷ ମଙ୍ଗଳବାର କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅନ୍ତରୀଣ ଭାରପ୍ରାପ୍ତ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡା କେଲଜେର ଅଧକ୍ଷ ନିଯୁକ୍ତିକୁ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟେର କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅଶୋକ ମିଶ୍ର ଡବ୍ଲୁପିସି ନମ୍ବର- ୩୮୩୯୧/୨୦୨୩ର ଏକ ମାମଲା ରୁଜୁ କରିଥିଲେ। ସେହି କେଶର ଶୁଣାଣୀ ସମୟେର ଓଡିଶା ଉଚ୍ଚ ନ୍ୟାୟାଳୟ ଗତ ମାର୍ଚ୍ଚ ୧ତାରିଖେର କେନ୍ଦ୍ରାପଡା କେଲଜର ନିକଟବର୍ତ୍ତୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ସବର୍ବରିଷ୍ଠ ଅଧ୍ୟାପକଙ୍କୁ କେନ୍ଦ୍ରାପଡା କେଲଜର ଭାରପ୍ରାପ୍ତ ଅଧକ୍ଷ ଭାବେର ୧୦ଦିନ ମଧ୍ୟେର ନିଯୁକ୍ତି ଦେବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗ ବିରୂପା କେଲଜ ଅଧକ୍ଷ ଅଭିଜିତ ବୋଷଙ୍କୁ କେନ୍ଦ୍ରାପଡା କେଲଜର ଅନ୍ତରୀଣ ଭାରପ୍ରାପ୍ତ ଅଧକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଅଧ୍ୟାପକ ଶ୍ରୀ ବୋଷ ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରାପଡା କେଲଜର ଭାରପ୍ରାପ୍ତ ଅଧକ୍ଷ ଭାବେ ଯୋଗଦେଇଥିବା ଜଣାପଡିଛି।

ବସୁଧା ଯୋଜନା କେବଳ କାଗଜକଲମରେ

ଗରା, ବାଲ୍‌ଟି ରଖି ପାଟଣା-ଚମ୍ପୁଆ ରାସ୍ତା ଅବରୋଧ କଲେ ମହିଳା

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ବ୍ଲକ ମୁରୁସୁଆଁ ଗ୍ରାମବାସୀ ଦୀର୍ଘଦିନ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଏହି ଗ୍ରାମକୁ ପାନୀୟଜଳ ଯୋଗାଣ ବନ୍ଦ ହୋଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପିଲାଠାରୁ ଆରମ୍ଭକରି ବୃଦ୍ଧବୃଦ୍ଧା ଏପରି କି ଜୀବଜନ୍ତୁ ମଧ୍ୟ ହଇରାଣ ହରକତ ହେଉଥିବା ନଜରକୁ ଆସିଛି ।

ବୁଧବାର ଏହାର ପ୍ରତିବାଦରେ ଗ୍ରାମର ଉତ୍ୟକ୍ତ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି। ଗାଁକୁ ତୁରନ୍ତ ପାନୀୟ ଜଳ ଯୋଗାଣ ଦାବି କରି ମହିଳାମାନେ ରାସ୍ତା ଉପରେ ଗରା, ବାଲ୍‌ଲଟି ରଖି ପାଟଣା ଚମ୍ପୁଆ ରାସ୍ତାକୁ ମୁରୁସୁଆଁ ପଞ୍ଚାୟତ ନିକଟରେ ଅବରୋଧ କରିଛନ୍ତି । ଅଭିଯୋଗ ଅନୁଯାୟୀ ବସୁଧା ଯୋଜନାରେ ଗାଁକୁ ଜଳ ଯୋଗାଣ ହେଉଥିବା ବେଳେ ଦୀର୍ଘ ଦିନହେବ ମଟର ଖରାପ ଯୋଗୁ ମୁରୁସୁଆଁ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମରେ ଥିବା

ପିଇବା ପାଣି ପାଇଁ ହନ୍ତସନ୍ତ

ନଳକୂପରୁ ଆବଶ୍ୟକ ଅନୁସାରେ ପାଣି ବାହାରୁ ନ ଥିବାରୁ ଗ୍ରାମରେ ବସବାସ କରୁଥିବା ୭ଶହରୁ ଉର୍ଦ୍ଧ୍ୱ ଲୋକେ ପାଣିପାଇଁ ଡହଳବିକଳ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ବୁଧବାର ତୁରନ୍ତ ପାନୀୟ ଜଳ ଯୋଗାଣ ଦାବିରେ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି। ରାସ୍ତା ଅବରୋଧ ଯୋଗୁ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ବ୍ୟାହତ ହୋଇଛି।

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର

ଆସିକା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଆଜି ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଡଃ. ସନ୍ତୋଷ କୁମାର ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଆସିକା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଆସିକା ଏନଏସି କାର୍ଯ୍ୟନିର୍ବାହି ଅଧିକାରୀ ଲୋକନାଥ ବେଜ, ଓଡିଆ ବିଭାଗୀୟ ମୁଖ୍ୟ ଡଃ.ସ୍ମିତାରାଣୀ ପଣ୍ଡା ପ୍ରମୁଖ ଯୋଗ ଦେଇ ମଚାଂସୀନ ଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବେଦ ମନ୍ତ୍ରପାଠ ଧ୍ୱନୀରେ ପ୍ରଦିପ ପ୍ରଜ୍ଜଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ କାର୍ଯ୍ୟକ୍ରମ ସଂଯୋଜିକା ମିନତି ବେହେରା ଅତିଥି ମାନଙ୍କ ପ୍ରଦାନ ସାଙ୍ଗକୁ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ନାରୀ ସଶକ୍ତିକରଣ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିବା ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଆଜି ୨.୩.୨୦୨୪ ତାରିଖ ଠାରୁ ଆରମ୍ଭ ହୋଇ ୩୦.୩.୨୦୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମହାବିଦ୍ୟାଳୟର ଯୁକ୍ତ ତିନି ଛାତ୍ରୀ ମାନଙ୍କ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଆତ୍ମ ସୁରକ୍ଷା କୌଶଳର ସଦବିନିଯୋଗ କରି ତାଲିମ ପ୍ରାପ୍ତ ପାଇଁ ଉପସ୍ଥିତ ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଆଜିର କୁତ୍ସିତ ସମାଜରେ ଦୈନନ୍ଦିନ ସମାଜରେ ନାରୀ ମାନଙ୍କ ପ୍ରତି ହେଉଥିବା ଅହେତୁକ ଯୌନ ଉତ୍ପୀଡନ, ଅତ୍ୟାଚାର, ବ୍ୟଭିଚାର, ଅଶ୍ଳୀଳ ଇଙ୍ଗିତ ତଥା ମନ୍ତବ୍ୟ, ପାରିବାରିକ ହିଂସା, ଯୌତୁକ ନିର୍ଯ୍ୟାତନା, ଏସିଡ ଫିଙ୍ଗିବା, ଅସଦାଚାରଣ ଆଦି ବୈମାନୁଷିକ ଆଚରଣ ତଥା କାର୍ଯ୍ୟକଳାପରୁ ରକ୍ଷା ପାଇଁ ଓଡିଶା ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି ଉପସ୍ଥିତ ଅତିଥି ମାନେ ପ୍ରଶଂଶା ସାଙ୍ଗକୁ ସାଧୁବାଦ ଜ୍ଞାପନ କରିଥିଲେ । ଏହା ସହିତ ଛାତ୍ରୀ ମାନଙ୍କ ମାନସିକ ତଥା ଶାରିରୀକ ବିକାଶରେ ମଧ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ରହିଛି । ଆତ୍ମ ସୁରକ୍ଷା ନାରୀ ସଶକ୍ତିକରଣର ଏକ ଅଂଶ ବିଶେଷ ବୋଲି ମୁଖ୍ୟବକ୍ତା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକାନାଥ ବେଜ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଶିବିରରେ ମାଷ୍ଟର ଟ୍ରେନର ପ୍ରାକ୍ତନ ଛାତ୍ରୀ ଶିବାନୀ ମହାରଣା ଓ ଲିଜାରାଣୀ ପାତ୍ର ପ୍ରଶିକ୍ଷିକା ଦାୟିତ୍ୱ ତୁଲାଇବା ସାଙ୍ଗକୁ ଆତ୍ମ ସୁରକ୍ଷା ତାଲିମର କେତେକ ନିଋକ କୌଶଳ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆତ୍ମ ସୁରକ୍ଷା କ୍ଲବର ଅଧ୍ୟାପିକା ଶୈଳ କୁମାରୀ ଝା, ରେଶମା ପାତ୍ର, ଡଃ.ଜିନିତ ସବା ଓ କୁନିକା ଦାଶ ତାଲିମ ଶିବିରର ସମସ୍ତ କାର୍ଯ୍ୟକୁ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଏହି ଶିବିରକୁ ସଂଯୋଜିକା ଅଧ୍ୟାପିକା ରଶ୍ମିପ୍ରିୟା କାଲୋ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନିର୍ବାଚନ ପୂର୍ବରୁ ଅସ୍ତରଙ୍ଗର ବିଭିନ୍ନ ପଞ୍ଚାୟତରେ ସିଆରପିଏଫ ଯବାନଙ୍କ ଫ୍ଲାଗ ମାର୍ଚ୍ଚ

ଅସ୍ତରଙ୍ଗ (ଅମୃତ ମିଡିଆ): ନିର୍ବାଚନ ପୂର୍ବରୁ କଡା ସୁରକ୍ଷା ପାଇଁ ଆରମ୍ଭ ହୋଇଯାଇଛି ପ୍ରାକ ପ୍ରସ୍ତୁତି। ସେଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଯଥା ନଗର, ଆଳସାହି, ଆଳଙ୍ଗପୁର, ନୂଆଗଡ, ମଧୁପୁର ସମେତ ଅସ୍ତରଙ୍ଗ ବଜାର ରେ ଅସ୍ତରଙ୍ଗ ପୁଲିସ ଓ ସିଆରପିଏଫ ଯବାନଙ୍କ ଫ୍ଲାଗ ମାର୍ଚ୍ଚ। ଆସନ୍ତା ସାଧାରଣ ନିର୍ବାଚନ କୁ ଶାନ୍ତି ଶୃଙ୍ଖଳା ସହିତ ଆୟୋଜନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ହାତରେ ବନ୍ଧୁକଧାରୀ ସେଣ୍ଟ୍ରାଲ ଫୋର୍ସ ଫ୍ଲାଗ ମାର୍ଚ୍ଚ ଜରିଆରେ ଲୋକଙ୍କ ଭିତରେ ବିଶ୍ୱାସ ଓ ଭରସା ଜାଗ୍ରତ ସହ ଅପରାଧୀ ଓ ଅପରାଧିକ ମନୋଭାବ ଥିବା ଲୋକଙ୍କୁ ପୋଲିସ ଦେଇଛି କଡାବାର୍ତ୍ତା। ନିର୍ବାଚନ ସମୟରେ ଯେପରି ଅପ୍ରିତିକର ପରିସ୍ଥିତି ନ ଉପୁଜେ ସେ ନେଇ ଏବେ ଠୁ ବିଭିନ୍ନ ପଂଚାୟତ ରେ ପ୍ରାଟୋଲିଂ ବା ଫ୍ଲାଗ ମାର୍ଚ୍ଚ କରିଛନ୍ତି ପୋଲିସ। ମୁକ୍ତ ଓ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ରେ କରାଯାଇଛି ଫ୍ଲାଗ ମାର୍ଚ୍ଚ। ଏହି ଫ୍ଲାଗ ମାର୍ଚ୍ଚ ସମୟରେ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା ଙ୍କ ସହ ଦୁଇ ଥାନାର ସମସ୍ତ କର୍ମଚାରୀ ଓ ସିଆରପିଏଫ ଯବାନ ସାମିଲ ଥିଲେ।

ଭଞ୍ଜନଗରରେ ବାକ୍ - ଶ୍ରବଣ ପରୀକ୍ଷା ଶିବିର

ଭଞ୍ଜନଗର (ଅମୃତ ମିଡିଆ): ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓ ବେଲଗୁଣ୍ଠା ବ୍ଲକର ପାଟୁଳିସାହି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରକଳ୍ପ ଶ୍ରୁତି ଦ୍ୱାରା ଏକ ବାକ୍ - ଶ୍ରବଣ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସମାଜ ସେବା ଅନୁଷ୍ଠାନ ‘ସ୍ନେହା ସପୋର୍ଟ ଫାଉଣ୍ଡେସନ (ନ୍ୟୁୟର୍କ) , ଆଇନା (ଭୁବନେଶ୍ୱର)‘ ‘ସମ୍ଭବ(ରୋହିବାଙ୍କ, ନୟାଗଡ଼) ଓ ‘ଚୋଳ ଫାଉଣ୍ଡେସନ‘ର ମିଳିତ ପ୍ରୟାସରେ ଏହି ବାକ୍ ଶ୍ରବଣ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଶ୍ରୁତି ପ୍ରକଳ୍ପ ର ଗଞ୍ଜାମ ଜିଲ୍ଲା ପ୍ରକଳ୍ପ ପରିଚାଳକ ଦେବାଶିଷ ରଥ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବାକ୍ - ଶ୍ରବଣ ଚିକିତ୍ସା ଶିବିର ରେ ବିଶେଷଜ୍ଞ ଡାକ୍ତର କାର୍ତ୍ତିକେଶ୍ୱର ଜେନା ଶତାଧିକ ଛାତ୍ର ଛାତ୍ରୀ ଙ୍କ ବାକ୍ - ଶ୍ରବଣ ସମ୍ବନ୍ଧୀୟ ପରୀକ୍ଷା ସହ ସଚେତନ ସୃଷ୍ଟି କରିଥିଲେ। ଏଥିରେ ପ୍ରମୋଦ ଗୌଡ଼ ଓ ସୁଜନ ମଳିକ ସହଯୋଗ କରିଥିଲେ ।